ଜନ୍ ମାଥାଇ ଆବ୍ରାହାମ

ବନାମ

ମେସର୍ସ ବ୍ରିଟିଶ ଫିଜିକାଲ୍ ଲ୍ୟାବ୍. ଇଣ୍ଡିଆ ଲିମିଟେଡ୍

ଅକ୍ଟୋବର 30, 2001

[ସୟଦ ଶାହ ମହମ୍ମଦ କ୍ୱାଦରୀ ଏବଂ ଏସ୍.ଏନ୍. ଫୁକାନ, ନ୍ୟାୟମୂର୍ତ୍ତିଦ୍ୱୟ]

*କର୍ଣ୍ଣାଟକ ଭଡ଼ା ନିୟନ୍ତ୍ରଣ ଅଧିନିୟମ, 1961:*

*ଧାରା 21 (1) (h) - କୋଠାରେ ଅବିଭକ୍ତ ଅଂଶ ଧାରଣ କରୁଥିବା ଘରମାଲିକ - ଯଥାର୍ଥ ଆବଶ୍ୟକତା ଆଧାରରେ ଭଡ଼ାଟିଆଙ୍କ ଉଚ୍ଛେଦ - ଭଡା ନିୟନ୍ତ୍ରକ ଉଚ୍ଛେଦ ଆଦେଶ ଦେଉଛନ୍ତି - ଭଡ଼ାଟିଆଙ୍କ ପୁନରୀକ୍ଷଣକୁ ଅନୁମତି ଦେଇ ଉଚ୍ଚ ନ୍ୟାୟାଳୟ ନିର୍ଣ୍ଣୟ କରିଛନ୍ତି ଯେ କୋଠାଟି ବହୁତ ବଡ ହୋଇଥିବାରୁ ଘର ମାଲିକଙ୍କ ଦାବି ଯେ ସେ ଏହି ପରିସରରେ ନିଜର ବୃତ୍ତିଗତ କାର୍ଯ୍ୟକଳାପ କରିପାରିବେ ନାହିଁ, ତାହା ପ୍ରମାଣିତ ହୋଇନାହିଁ - ନିର୍ଣ୍ଣୟ କରାଗଲା, ଏକ କୋଠାର ଏକ ଅଂଶ ଦଖଲରେ ରହିବା ଏବଂ ସେଥିରେ ଏକ ଅଂଶବିଶେଷ ଅବିଭକ୍ତ ଅଂଶ ଧାରଣ କରିବା ଦ୍ୱାରା ଧାରା 21 (1) (h) ର ବ୍ୟବସ୍ଥା ଆହ୍ୱାନ କରିବାରେ କୌଣସି ପ୍ରତିବନ୍ଧକ ନାହିଁ - ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରି ଭଡା ନିୟନ୍ତ୍ରକଙ୍କ ଆଦେଶକୁ ପୁନଃସ୍ଥାପିତ କରାଯାଇଛି ।*

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 5997/1999 ।

ଏଚ୍.ଆର୍.ଆର୍.ପି. ସଂଖ୍ୟା 1256/1995 ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ତା 22.2.99 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏମ୍.ଏସ୍. ଗଣେଶ, ଏସ୍. ମୁରଲୀଧର ଏବଂ ଏସ୍. ବଲ୍ଲିନାୟାଗମ ।

ଉତ୍ତରଦାତା କେ.କେ. ଜନ୍ ଆଣ୍ଡ କୋ. ପାଇଁ ଏଲ୍. ନାଗେଶ୍ୱର ରାଓ, ପି.ଏସ୍. ସୁଧୀର, ଜୟନ୍ତ ମୁଥ ରାଜ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହି ଆବେଦନ ଫେବୃଆରୀ 22, 1999 ରେ ବାଙ୍ଗାଲୋର ସ୍ଥିତ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ଏଚ୍.ଆର୍.ଆର୍.ପି. ସଂଖ୍ୟା 1256/1995 ରେ ଉତ୍ତରଦାତା (ଉତ୍ତରଦାତା 1 ରୁ 3 ସେହି କମ୍ପାନୀର ଅବତାର ଏବଂ 'ଉତ୍ତରଦାତା' ଭାବରେ ସୂଚିତ)ଙ୍କ ଦ୍ୱାରା ଦାଖଲ କରାଯାଇଥିବା ପୁନରୀକ୍ଷଣକୁ ଅନୁମତି ଦେବା ଏବଂ ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଉଚ୍ଛେଦ ଆବେଦନକୁ ଖାରଜ କରିବା ପାଇଁ ଦେଇଥିବା ଆଦେଶର ବୈଧତାକୁ ଆପତ୍ତି କରୁଛି ।

# ଜନ୍ ମାଥାଇ ଆବ୍ରାହାମ ବନାମ ବ୍ରିଟିଶ ଫିଜିକାଲ୍ ଲ୍ୟାବ୍. ଇଣ୍ଡିଆ ଲିମିଟେଡ୍

ଆବେଦନକାରୀ ହେଉଛନ୍ତି ସଂଖ୍ୟା 12/1, ପ୍ରାଇମ୍-ରୋଜ୍ ରୋଡ୍, ବାଙ୍ଗାଲୋର (ସଂକ୍ଷେପରେ, 'ପରିସର') ପରିସରର ଘରମାଲିକ, ଯେଉଁଥିରେ ଉତ୍ତରଦାତା ମାସିକ 1800 ଟଙ୍କା ଭଡା ଦେଉଥିବା ଭଡାଟିଆ ଅଟନ୍ତି ।

ଆବେଦନକାରୀ ଦୁଇଟି ଆଧାରରେ ଉତ୍ତରଦାତାଙ୍କୁ ଉଚ୍ଛେଦ କରିବା ପାଇଁ ଉଚ୍ଛେଦ ଆବେଦନ ଦାଖଲ କରିଥିଲେ  କିନ୍ତୁ କର୍ଣ୍ଣାଟକ ଭଡ଼ା ନିୟନ୍ତ୍ରଣ ଅଧିନିୟମ, 1961 (ସଂକ୍ଷେପରେ 'ଅଧିନିୟମ')ର ଧାରା 21 (1) (h) ଅନୁଯାୟୀ କେବଳ ଗୋଟିଏ ଆଧାର ରହିଛି - ସେ ତାଙ୍କର ବ୍ୟକ୍ତିଗତ ବୃତ୍ତି ପାଇଁ, ବାସସ୍ଥାନ ଏବଂ ବୃତ୍ତିଗତ ଆବଶ୍ୟକତା ଉଭୟ ପାଇଁ ଯୁକ୍ତିଯୁକ୍ତ ଏବଂ ଯଥାର୍ଥ ଭାବରେ ଆବାସ ଆବଶ୍ୟକ କରନ୍ତି । ଆବେଦନକାରୀଙ୍କ ବ୍ୟକ୍ତିଗତ ଆବଶ୍ୟକତାକୁ ଅସ୍ୱୀକାର କରି ଏବଂ ଆବେଦନକାରୀଙ୍କ ଦଖଲରେ ଥିବା ଘରଟି ଏକ ବଡ଼ ଘର ହୋଇଥିବାରୁ ତାଙ୍କ ବାସଭବନ ଏବଂ ବୃତ୍ତିଗତ କାର୍ଯ୍ୟକଳାପ ପାଇଁ ପର୍ଯ୍ୟାପ୍ତ ଆବାସ ଥିବା ଦର୍ଶାଇ ଉତ୍ତରଦାତା ଏହି ଆବେଦନର ପ୍ରତିବାଦ କରିଥିଲେ ।

ନଥିରେ ରଖାଯାଇଥିବା ପ୍ରମାଣକୁ ବିଚାର କରିବା ପରେ, ବିଦ୍ୱାନ ଭଡ଼ା ନିୟନ୍ତ୍ରକ ଜାଣିବାକୁ ପାଇଲେ ଯେ ଧାରା 21 (1) (h) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା ଏବଂ ଜୁଲାଇ 5, 1995 ରେ ଉତ୍ତରଦାତାଙ୍କୁ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିଦ୍ୱାନ ଭଡ଼ା ନିୟନ୍ତ୍ରକଙ୍କ ଉକ୍ତ ଆଦେଶ ଦ୍ୱାରା କ୍ଷୁବ୍ଧ ହୋଇ, ଉତ୍ତରଦାତା ଉଚ୍ଚ ନ୍ୟାୟାଳୟରେ ପୁନରୀକ୍ଷଣ ଆବେଦନ କରିଥିଲେ ଯାହାକୁ ଆକ୍ଷେପିତ ଆଦେଶ ଦ୍ୱାରା ଅନୁମତି ଦିଆଯାଇଥିଲା । ଏହା ସେହି ଆଦେଶ ବିରୁଦ୍ଧରେ ହିଁ ଆବେଦନକାରୀ ଆମ ସମ୍ମୁଖରେ ବିଶେଷ ଅନୁମତି ଦ୍ୱାରା ଆବେଦନ କରିଛନ୍ତି ।

ଆବେଦନକାରୀଙ୍କ ପକ୍ଷରୁ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ଏମ୍.ଏସ୍. ଗଣେଶ ଯୁକ୍ତି ଦର୍ଶାଇଛନ୍ତି ଯେ ଆବେଦନକାରୀ ତାଙ୍କ ପିତାଙ୍କ ଜୀବନକାଳରେ ହିଁ ଉତ୍ତରଦାତାଙ୍କୁ ଉଚ୍ଛେଦ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ ଏବଂ ତାଙ୍କ ସାବତ ମାଆଙ୍କ ସହ ମିଳାମିଶା କରିବ ତାଙ୍କ ପାଇଁ ଅସମ୍ଭବ ହୋଇଯାଇଥିଲା ; ଯଥାର୍ଥତାର ଆବଶ୍ୟକତା ଥିବା ଦର୍ଶାଯାଇଥିଲା ଏବଂ ଏବଂ ବିଚାର କରୁଥିବା ନ୍ୟାୟାଳୟ ଏହାକୁ କାର୍ଯ୍ୟକାରୀ କରିଥିଲେ କିନ୍ତୁ ଉଚ୍ଚ ନ୍ୟାୟାଳୟ ବିଚାର କରୁଥିବା ନ୍ୟାୟାଳୟ ଦ୍ୱାରା ନଥିଭୁକ୍ତ କରାଯାଇଥିବା ତଥ୍ୟର ନିଷ୍ପତ୍ତିକୁ ଓଲଟା କରି ଦେଇଥିଲେ ଯାହା ଆଇନ ଅନୁଯାୟୀ ପୋଷଣୀୟ ନୁହେଁ ।

ଉତ୍ତରଦାତାଙ୍କ ବିଦ୍ୱାନ ବରିଷ୍ଠ ଅଧିବକ୍ତା ଶ୍ରୀ ନାଗେଶ୍ୱର ରାଓ, ଯୁକ୍ତି ବାଢ଼ିଛନ୍ତି ଯେ ତାଙ୍କ ପିତାଙ୍କ ମୃତ୍ୟୁ ପରେ ଆବେଦନକାରୀଙ୍କ ଦଖଲରେ ଥିବା ଘର ତାଙ୍କ ପାଇଁ ବ୍ୟକ୍ତିଗତ ତଥା ବୃତ୍ତିଗତ ଉଭୟ ଆବଶ୍ୟକତା ପାଇଁ ଉପଲବ୍ଧ ରହିଛି ଏବଂ ତେଣୁ, ଏହା କୁହାଯାଇପାରିବ ନାହିଁ ଯେ ସେ ଯୁକ୍ତିଯୁକ୍ତ ଏବଂ ଯଥାର୍ଥ ଭାବରେ ତାଙ୍କ ବ୍ୟକ୍ତିଗତ ବୃତ୍ତି ପାଇଁ ପରିସର ଆବଶ୍ୟକ କରନ୍ତି । ଯେହେତୁ ଭଡ଼ା ନିୟନ୍ତ୍ରକ ତଥ୍ୟକୁ ସଠିକ୍ ଭାବରେ ଉଲ୍ଲେଖ କରିନଥିଲେ, ଉଚ୍ଚ ନ୍ୟାୟାଳୟ ତାଙ୍କ ସମ୍ମୁଖରେ ଉପସ୍ଥାପିତ ତଥ୍ୟକୁ ଉପଯୁକ୍ତ ଭାବରେ ବିଚାର କରି ଏହି ମତ ଦେଇ ଏହି ସିଦ୍ଧାନ୍ତକୁ ପ୍ରତ୍ୟାଖ୍ୟାନ କରିଥିଲେ ଯେ ଆବଶ୍ୟକତା ଯଥାର୍ଥ ନଥିଲା ଏବଂ ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ଏହି ନ୍ୟାୟାଳୟ ଏହିପରି ସିଦ୍ଧାନ୍ତକୁ ଭଙ୍ଗ କରିବେ ନାହିଁ ।

ବିଚାର ପାଇଁ ଉଠୁଥିବା ଏକମାତ୍ର ପ୍ରଶ୍ନ ହେଉଛି : ଅଧିନିୟମର ଧାରା 21 ର ଉପଧାରା (1) ର ଖଣ୍ଡ (h) ଅନୁଯାୟୀ ଉତ୍ତରଦାତାଙ୍କୁ ଉଚ୍ଛେଦ କରିବା ପାଇଁ ଆବେଦନକାରୀ ଯୁକ୍ତିଯୁକ୍ତ ଏବଂ ଯଥାର୍ଥ ଆବଶ୍ୟକତା ପ୍ରମାଣିତ କରିଛନ୍ତି କି ନାହିଁ ।

ତଥ୍ୟଗୁଡ଼ିକ ବିବାଦରେ ନାହିଁ । ପ୍ରଶ୍ନରେ ଥିବା ପରିସର ଆବେଦନକାରୀଙ୍କ ମାଲିକାନାରେ ଥିଲା ଏବଂ ସେ ଏହାକୁ 1976 ମସିହାରେ ମାସିକ 1300 ଟଙ୍କାର ମାସିକ ଭଡାରେ ଉତ୍ତରଦାତାଙ୍କୁ ପ୍ରଦାନ କରିଥିଲେ, ଯାହା ପରବର୍ତ୍ତୀ ସମୟରେ 1800 ଟଙ୍କାକୁ ବୃଦ୍ଧି କରାଯାଇଥିଲା । ଦୈନନ୍ଦିନ ବିବାଦ କାରଣରୁ ତାଙ୍କ ପିତା ଏବଂ ସାବତ ମାଆଙ୍କ ସହ ସୁସମ୍ପର୍କ ସ୍ଥାପନ କରିବା କଷ୍ଟକର ହୋଇପଡିବାରୁ, ଆବେଦନକାରୀ ଅଧିନିୟମର ଧାରା 21 (1) (h) ଅନୁଯାୟୀ ଭଡ଼ା ନିୟନ୍ତ୍ରକଙ୍କ କ୍ଷେତ୍ରାଧିକାରିତାକୁ ଆହ୍ୱାନ କରି ଉତ୍ତରଦାତାଙ୍କୁ ଉଚ୍ଛେଦ କରିବାକୁ ଅନୁରୋଧ କରିଥିଲେ । ପ୍ରମାଣକୁ ତର୍ଜମା କରି ବିଚାର କରୁଥିବା ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ, ଉତ୍ତରଦାତାଙ୍କ ଆବଶ୍ୟକତା ପ୍ରତିପାଦିତ ହୋଇଛି । ତେବେ, ପୁନରୀକ୍ଷଣ ସମୟରେ ଉଚ୍ଚ ନ୍ୟାୟାଳୟ ଏହି ତଥ୍ୟକୁ ଧ୍ୟାନରେ ରଖିଥିଲେ ଯେ, ଆବେଦନକାରୀଙ୍କ ପିତାଙ୍କ ବାସଭବନ ଯେଉଁଥିରେ ସେ ବର୍ତ୍ତମାନ ରହୁଛନ୍ତି, ତାହା ଏକ ବିଶାଳ କୋଠା, ତାଙ୍କ ସାବତ ଭାଇ ଓ ଭଉଣୀମାନେ ବିଦେଶରେ ରହୁଛନ୍ତି ଏବଂ ସାବତ ମା' ଏହି କୋଠାକୁ ଖାଲି କରିବା ପାଇଁ ଉତ୍ତରଦାତାଠାରୁ ଦାବି କରିନଥିଲେ । ସେହି ଆଧାରରେ, ଏହା ଏହି ସିଦ୍ଧାନ୍ତରେ ପହଞ୍ଚିଲା ଯେ ଆବେଦନକାରୀ ବର୍ତ୍ତମାନ ରହୁଥିବା ପରିସରରେ ନିଜର ବୃତ୍ତିଗତ କାର୍ଯ୍ୟକଳାପ କରିପାରିବେ ନାହିଁ ବୋଲି ସେ ଦର୍ଶାଇଥିବା ଦାବିର କୌଣସି ପ୍ରମାଣ ପ୍ରତିପାଦିତ ହୋଇନାହିଁ । ଉଚ୍ଚ ନ୍ୟାୟାଳୟ ଯେଉଁ ସିଦ୍ଧାନ୍ତରେ ପହଞ୍ଚିଛନ୍ତି, ସେଥିରେ ଆମେ ସହମତ ହୋଇପାରିବା ନାହିଁ । ଉତ୍ତରଦାତାଙ୍କ ଦ୍ୱାରା ସ୍ଥାପିତ ମାମଲା ହେଉଛି ଯେ, ଆବେଦନକାରୀଙ୍କ ପିତାଙ୍କ ମୃତ୍ୟୁ ପରେ, ସେ ପରିସରର ଏକମାତ୍ର ମାଲିକ ହୋଇଥିଲେ ଏବଂ ତେଣୁ ତାଙ୍କ ବାସସ୍ଥାନ ତଥା ବୃତ୍ତିଗତ ଆବଶ୍ୟକତା ପାଇଁ ପର୍ଯ୍ୟାପ୍ତ ଆବାସ ଉପଲବ୍ଧ ଥିଲା କାରଣ ପରିସରର ଏପରି ଆବଶ୍ୟକତା ବାସ୍ତବ ଏବଂ ଯଥାର୍ଥ ନୁହେଁ । ଆବେଦନକାରୀ ଏହାକୁ ସ୍ୱୀକାର କରିନଥିଲେ । ଯେଉଁଠାରେ ଆବେଦନକାରୀ ଓ ତାଙ୍କ ସାବତ ମାଆ ରହୁଛନ୍ତି, ସେ ସେହି କୋଠାର ଏକମାତ୍ର ମାଲିକ ହୋଇଯାଇଛନ୍ତି ବୋଲି ଦର୍ଶାଇବା ପାଇଁ କୌଣସି ତଥ୍ୟ ନଥିରେ ରଖାଯାଇନାହିଁ । ସର୍ବୋପରି, ଆବେଦନକାରୀଙ୍କ ଏଥିରେ ଏକ ଅଂଶ ଥାଇପାରେ । କେବଳ ଯେହେତୁ ଆବେଦନକାରୀ ବିଶାଳ କୋଠାର ଏକ କୋଠରୀରେ ରହୁଛନ୍ତି ଯାହା କେବଳ ତାଙ୍କର ନୁହେଁ, ତେଣୁ ଏହା କୁହାଯାଇପାରିବ ନାହିଁ ଯେ ତାଙ୍କ ବାସସ୍ଥାନ ଏବଂ ବୃତ୍ତିଗତ ଆବଶ୍ୟକତା ପାଇଁ ପରିସର ଦଖଲ କରିବା ତାଙ୍କର ଆବଶ୍ୟକତା ଯୁକ୍ତିଯୁକ୍ତ ଏବଂ ଯଥାର୍ଥ ନୁହେଁ । ଆମ ମତରେ, ଏକ ଅବିଭକ୍ତ ଅଂଶ ଧାରଣ କରୁଥିବା ଏକ କୋଠାର ଏକ ଅଂଶ ଦଖଲରେ ଥିବାରୁ, ଅଧିନିୟମର ଧାରା 21 (1) (h) ର ବ୍ୟବସ୍ଥାକୁ ଆହ୍ୱାନ କରିବା ପାଇଁ କୌଣସି ପ୍ରତିବନ୍ଧକ ନାହିଁ । ଏହି ବିଷୟକୁ ଦୃଷ୍ଟିରେ ରଖି, ଆମେ ଆପତ୍ତି ଅଧୀନରେ ଥିବା ଆଦେଶକୁ ବାତିଲ କରୁଛୁ ଏବଂ ଜୁଲାଇ 5, 1995 ରେ ଏଚ୍.ଆର୍.ସି. ସଂଖ୍ୟା 10541/1989 ରେ ବିଦ୍ୱାନ ଭଡ଼ା ନିୟନ୍ତ୍ରକଙ୍କ ଆଦେଶକୁ ପୁନଃସ୍ଥାପିତ କରୁଛୁ ।

ଉତ୍ତରଦାତାଙ୍କ ପାଇଁ ବିଦ୍ୱାନ ଓକିଲ ପରିସର ଖାଲି କରିବାକୁ ଛଅ ମାସର ସମୟ ମାଗିଛନ୍ତି । ଉତ୍ତରଦାତା ଏକ ବ୍ୟାବସାୟିକ ସଂସ୍ଥା ଏବଂ 25 ବର୍ଷରୁ ଅଧିକ ସମୟ ଧରି ଉକ୍ତ ପରିସର ଦଖଲରେ ରହିଥିବାରୁ, 2002 ମସିହା ଏପ୍ରିଲ ମାସ 30 ତାରିଖ ପର୍ଯ୍ୟନ୍ତ ସମୟ ଦେବା ଯଥାର୍ଥ ଏବଂ ଉପଯୁକ୍ତ ବୋଲି ଆମେ ବିବେଚନା କରୁଛୁ । ଆଜିଠାରୁ ଚାରି ସପ୍ତାହ ମଧ୍ୟରେ ଉତ୍ତରଦାତା ଯଥାରୀତି ପ୍ରତିଶ୍ରୁତି ଦାଖଲ କରିବେ ।

ସେହି ଅନୁଯାୟୀ ଆବେଦନକୁ ଖର୍ଚ୍ଚ ସହିତ ଅନୁମତି ଦିଆଯାଇଛି ।

ଆର୍.ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*ଭାଷାନ୍ତର :*

ରଶ୍ମିତା ମୁର୍ମୁ ,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ , କଟକ ।